## ରାଜ୍ୟ ସିଲେକସନ ବୋର୍ଡ, ଓଡିଶା ପୋଲିସ,କଟକ ।

## ନବମ ଇଣ୍ଡିଆ ରିଜର୍ଭ (ସ୍ୱତନ୍ତ୍ର) ବାଟାଲିୟନରେ କନେଷ୍ଟବଲ ପଦବୀ ନିମନ୍ତେ

# ଲିଖିତ ପରୀକ୍ଷା ପାଇଁ ସୂଚନା ।

\----

ସମସ୍ତ ବର୍ଗର ପ୍ରାର୍ଥୀ ମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ଯେଉଁ ପ୍ରାର୍ଥୀମାନେ ଶାରିରୀକ ମାପ ଓ ଶାରିରୀକ ଦକ୍ଷତା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ସେମାନେ ତା **୨୬.୦୩.୨୦୧୭** ରିଖରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ (କିଟ୍) ୟୁନିଭରସିଟି (Kalinga Institute of Industrial Training (KIIT), University, Bhubaneswar) ରେ ନିଜ ନିଜର ଇ-ପାସ ଡାଉନଲୋଡ କରି ଦର୍ଶାଯାଇଥିବା ପରୀକ୍ଷା କେନ୍ଦ୍ରରେ ଅପରାହ୍ନ ୧ ଘଟିକା ସମୟରେ ଉପସ୍ଥିତ ହେବେ ଏବଂ ପ୍ରାର୍ଥୀମାନଙ୍କୁ OMR ପରୀକ୍ଷା ବିଷୟରେ ସଂକ୍ଷିପ୍ତ ବିବରଣୀ ଦିଆଯିବ । ଲିଖିତ ପରୀକ୍ଷା ଅପରାହ୍ନ ୪ ଟାରୁ ଆରମ୍ଭ ହୋଇ ୪.୩୫ ମିନିଟ୍ ପର୍ଯ୍ୟନ୍ତ ହେବ । ଏହି ପରୀକ୍ଷାର ଅବଧି ୩୫ ମିନିଟ୍ ଅଟେ ।

ଶାରୀରିକ ଦକ୍ଷତା ପରୀକ୍ଷାରେ ଯୋଗ୍ୟତା ଅର୍ଜନ କରିଥିବା ସମସ୍ତ ବର୍ଗର ପ୍ରାର୍ଥୀମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ଅନବରତ ଭାବେ ନିଜ ନିଜର ଇ-ମେଲ ଏବଂ ଏସ୍.ଏମ୍.ଏସ୍. ଯାଞ୍ଚ କରୁଥିବେ ଏବଂ ୱେବ୍‌ସାଇଟ **https//lokaseba-odisha.in** ରୁ ନିଜ ନିଜର ଇ-ପାସ୍ ଡାଉନଲୋଡ କରିପାରିବେ । ଯଦି କୌଣସି ପ୍ରାର୍ଥୀ ଲିଖିତ ପରୀକ୍ଷା ଦେବାପାଇଁ ନିଜ ନିଜର ଇ-ପାସ ଡାଉନଲୋଡ କରିବା ପାଇଁ ଅସମର୍ଥ ଅଥବା ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ସେମାନେ ରାଜ୍ୟ ସିଲେକ୍ସନ ବୋର୍ଡ, ରିଜର୍ଭ ପୋଲିସ ଲାଇନ୍, ବକ୍ସିବଜାର, କଟକଙ୍କ ହେଲପ୍ ଡେସ୍କ ନଂ **୦୬୭୪-୬୫୮୦୧୧୧, ୦୬୭୪-୬୫୮୦୨୨୨ ଏବଂ ୦୬୭୧-୨୩୦୨୪୪** ରେ ତା ୨୦.୩.୨୦୧୭ ରିଖ ମଧ୍ୟରେ ଯୋଗାଯୋଗ କରିବେ । ପ୍ରାର୍ଥୀମାନଙ୍କୁ ଅନୁରୋଧ କରାଯାଉଅଛି ଯେ ଲିଖିତ ପରୀକ୍ଷା ଦେବାପାଇଁ ଆସିବା ସମୟରେ ସେମାନେ ନିଜ ନିଜର ଇ-ପାସ, ଗୋଟିଏ ପାସପୋର୍ଟ ସାଇଜ ଫଟୋଗ୍ରାଫ ( ଶାରିରୀକ ମାପ ଓ ଶାରିରୀକ ଦକ୍ଷତା ସମୟରେ ଇ-ପାସରେ ଥିବା ଅବିକଳ ଫଟୋ ) ସଙ୍ଗରେ ଆଣିବେ ଯାହାକି ନିଜ ନିଜର ଲିଖିତ ପରୀକ୍ଷାରେ ବ୍ୟବହାର କରିବା ପାଇଁ ଓ.ଏମ୍.ଆର. (OMR) ସିଟ୍‌ରେ ଲଗାଯିବ ଏଥିସହିତ କଳା ଓ ନୀଳ ରଙ୍ଗର ବଲ ପଏଣ୍ଟ ପେନ (Black/Blue Ball Point pen ) ଏବଂ ହାର୍ଡକାର୍ଡ କ୍ଲିପ୍ ବୋର୍ଡ (Hard Card Clip Board ) ସଙ୍ଗରେ ଆଣିବେ, ଯେଉଁ Card Clip Board ଗୋଟିଏ A4 ସାଇଜ୍ OMR Sheet ପାଇଁ ଉପଯୋଗୀ ହୋଇପାରୁଥିବ ଏବଂ ସେହି ହାର୍ଡ କାର୍ଡ କ୍ଲିପ ବୋର୍ଡ (Hard Card Clip Board ) ଉପରେ କୌଣସି ଲେଖା କିମ୍ବା ଚିତ୍ରଣ ହୋଇନଥିବ । ପରୀକ୍ଷା ହଲ୍‌କୁ କୌଣସି ମୋବାଇଲ, ବ୍ଲୁ ଟୁଥ ଡିଭାଇସ ଏବଂ କାଲକୁଲେଟର ଇତ୍ୟାଦି ସଙ୍ଗରେ ନେବା ପାଇଁ ଅନୁମତି ଦିଆଯିବ ନାହିଁ ।

ଲିଖିତ ପରୀକ୍ଷା ୨୫ ନମ୍ବର ବିଶିଷ୍ଟ ଅଟେ । ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହେବା ପାଇଁ ସାଧାରଣ ବର୍ଗ (Un-reserved(UR) ) ଓ ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ବର୍ଗ (SEBC ) ପାଇଁ ୧୦ ଅଟେ, ସେହିପରି ଜନଜାତି ବର୍ଗ (SC ) ଓ ଉପଜାତି ବର୍ଗ (ST ) ପ୍ରାର୍ଥୀଙ୍କ ପାଇଁ ୦୮ ଅଟେ । ଭୁଲ ଉତ୍ତର ପାଇଁ କୌଣସି ମାଇନସ ଅଥବା ନେଗେଟିଭ ମାର୍କର ବ୍ୟବସ୍ଥା ନାହିଁ ।

କୌଣସି ପ୍ରାର୍ଥୀଙ୍କୁ ବିନା ଇ-ପାସ୍‌ରେ ପରୀକ୍ଷା ହଲକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ । ଏତଦ୍‌ବ୍ୟତୀତ କୌଣସି ପ୍ରାର୍ଥୀ ଯଦି ନିର୍ଦ୍ଦିଷ୍ଟ ତାରିଖ, ସମୟ ଓ ଦର୍ଶାଯାଇଥିବା ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ରୁହନ୍ତି ତେବେ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯିବ ।

\------